ପ୍ରମେୟ THE PRAMEYA
PRAMEYA @ 10 YEARS

# ପ୍ରମେୟ
THE PRAMEYA

PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/18-20
ବର୍ଷ ୧୨ | ସଂଖ୍ୟା ୧୪୮ | ଜୟପୁର
୨୭ ସେପ୍ଟେମ୍ବର ୨୦୨୨ | ମଙ୍ଗଳବାର

16 PAGES | ₹7.00
VOLUME 12 | ISSUE 148 | JEYPORE
27 SEPTEMBER 2022 | TUESDAY

ଜ୍ୟାକଲିନ୍‌ଙ୍କୁ ଅନ୍ତରୀଣ ଜାମିନ

www.prameya.com  prameyaodia  prameyaodia




# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱ ନେଲେ ପ୍ରଫେସର ଚକ୍ରଧର



କୋରାପୁଟ,୨୬। ୯(ଆପ୍ର): କୋରାପୁଟ ଜିଲ୍ଲା ସୁନାବେଡା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପଳିତାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଫେସର ତ୍ରିପାଠୀ ଆଗାମୀ ୫ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ଭାବେ ଦାୟିତ୍ୱରେ ରହିବେ। ଏହି ବିଶ୍ୱବିଦ୍ୟାଳୟର ସେ ହେଉଛନ୍ତି ଚତୁର୍ଥ ସ୍ଥାୟୀ କୁଳପତି। ଗତ ବର୍ଷ ଜୁଲାଇରେ କୁଳପତି ଆଇ. ରାମବ୍ରହ୍ମମ୍‌ଙ୍କ ପରଲୋକ ଘଟିବା ପରେ ଦୀର୍ଘ ୧ବର୍ଷ ଧରି ଏହି ପଦବି ଖାଲି ରହିଥିଲା।

ପ୍ରକାଶଥାଉକି ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଯୋଗଦେବା ପୂର୍ବରୁ ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗ ଶାନ୍ତିନିକେତନ ବିଶ୍ୱଭାରତୀର ହିନ୍ଦୀ ବିଭାଗରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ସେ ମଧ୍ୟ ରାଷ୍ଟ୍ରପତିଙ୍କ ମନୋନୀତ ସଦସ୍ୟ ଭାବେ ଦେଶର ବହୁ ଜାତୀୟ ଉଚ୍ଚଶିକ୍ଷାନୁଷ୍ଠାନର ବୈଧାନିକ କମିଟି, ପରାମର୍ଶଦାତା କମିଟି ଏବଂ ଚୟନ କମିଟିରେ କାର୍ଯ୍ୟ କରିଆସୁଛନ୍ତି। ୧୯୬୦ରେ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ବାସନ୍ତିଆ-ମାରିଗାଁଓରେ ସେ ଜନ୍ମଗ୍ରହଣ କରିଥିଲେ। ବିଶ୍ୱଭାରତୀରୁ ହିନ୍ଦୀରେ ଏମଏ ଓ ପିଏଚଡି କରିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିଥିଲେ। ସେ ୬ରୁ ଅଧିକ ପୁସ୍ତକ ପ୍ରକାଶ କରିଛନ୍ତି। ତାଙ୍କ ବହିଗୁଡ଼ିକ ହେଲା 'କବିର କି ଭକ୍ତ, ସିଆରାମ ତିୱାରୀ: ବ୍ୟକ୍ତିତ୍ୱ ଏବଂ କ୍ରିତିତ୍ୱ, ନୟି କବିତା କା ପ୍ରତିପାଦ୍ୟ, ଚିନ୍ତମଣୀ ସଞ୍ଚୟନ, କ୍ରିଷନ ଚନ୍ଦର କି ପ୍ରତିନିଧି କାହାନିୟାଁ, ଆତ୍ମ ନିର୍ଭର ଭାରତ(ବାଙ୍ଗଲା ସଂସ୍କରଣ)'। ସେ ୪ ଟି ସମ୍ପାଦିତ ପୁସ୍ତକ ଏବଂ ୫ଟି ଅନୁବାଦ ପୁସ୍ତକ ପ୍ରକାଶ କରିଛନ୍ତି। ତାଙ୍କର ଅନେକ ଗବେଷଣାତ୍ମକ ରଚନା ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇସାରିଛି। ତାଙ୍କ ଅଧୀନରେ ୧୭ ରୁ ଅଧିକ ସ୍କୋଲାର ଗବେଷଣାତ୍ମକ ପ୍ରକଳ୍ପ ସମାପ୍ତ କରିସାରିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ସେପ୍ଟେମ୍ବର ୨୭/୨୦୨୨ (୧୬ ପୃଷ୍ଠା) Rayagada, Tuesday, September 27/2022 Page 16 ₹ 7.00
୧୨ଶ ଭାଗ ୨୩୦ ସଂଖ୍ୟା www.orissakhabar.com/www.dharitri.com | Printed at Rayagada VOLUME 12 ISSUE 230 ମୂଲ୍ୟ ₹୭/-

# କୁଳପତି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରଫେସର ଚକ୍ରଧର ତ୍ରିପାଠୀ

**କୋରାପୁଟ, ୨୬।୯(ସ୍ୱ.ପ୍ର.)**

କୋରାପୁଟ ଜିଲା ସୁନାବେଡାସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଚତୁର୍ଥ ସ୍ଥାୟୀ କୁଳପତି ଭାବେ ପ୍ରଫେସର ଚକ୍ରଧର ତ୍ରିପାଠୀ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ ପଲିତାଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ପ୍ରଫେସର ତ୍ରିପାଠି କାର୍ଯ୍ୟରେ ଯୋଗଦେବା ପରଠାରୁ ତାଙ୍କୁ ୭୦ ବର୍ଷ ବୟସ ପର୍ଯ୍ୟନ୍ତ ଅଥବା ୫ ବର୍ଷ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ। ପ୍ରଫେସର ତ୍ରିପାଠୀ ଏଥିପୂର୍ବରୁ ପଶ୍ଚିମବଙ୍ଗର ଶାନ୍ତି ନିକେତନସ୍ଥିତ ବିଶ୍ୱ ଭାରତୀର ହିନ୍ଦୀ ବିଭାଗର ବରିଷ୍ଠ ପ୍ରଫେସର ଥିଲେ। ସେହିପରି ପୂର୍ବରୁ ସେ ଶାରୀରିକ ଶିକ୍ଷା, କ୍ରୀଡା, ଜାତୀୟ ସେବା ଏବଂ ଛାତ୍ର କଲ୍ୟାଣର ନିର୍ଦ୍ଦେଶକ ଭାବେ ଆନ୍ତର୍ଜାତୀୟ ସହଯୋଗର ସଂଯୋଜକ ଭାବେ, ହିନ୍ଦୀ ଅଧ୍ୟୟନ ବୋର୍ଡର ଅଧ୍ୟକ୍ଷ ବିଶ୍ୱ ଭାରତୀ ଶୈକ୍ଷିକ ସଂଘର ସଭାପତି ଭାବେ ସେ ଦକ୍ଷତାର ସହିତ କାର୍ଯ୍ୟ ତୁଲାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୧ ମସିହା ଜୁଲାଇ ୨୮ରେ ପୂର୍ବତନ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମଙ୍କ ବିୟୋଗ ପରେ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଶରତ ପଲିତା ଦାୟିତ୍ୱରେ ରହିଥିଲେ। ପ୍ରଫେର ତ୍ରିପାଠୀ କାର୍ଯ୍ୟଭାର ଗ୍ରହଣ ସମୟରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅସିତ ଦାସ ଉପସ୍ଥିତ ଥିଲେ।

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ



THE SAKALA
Jeypor

# ନୂତନ କୁଳପତି ଚକ୍ରଧର ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ



**କୋରାପୁଟ, ୨୬।୯ (ସମିସ):** ବରିଷ୍ଠ ଶିକ୍ଷାବିତ୍ ତଥା ଶାନ୍ତିନିକେତନ ସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ହିନ୍ଦୀ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଚକ୍ରଧର ତ୍ରିପାଠୀ କୋରାପୁଟ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଫେସର ତ୍ରିପାଠୀ ସୋମବାର ପୂର୍ବାହ୍ନରେ ସୁନାବେଡ଼ା ସ୍ଥାୟୀ କ୍ୟାମ୍ପସରେ ପହଞ୍ଚି ଭାରପ୍ରାପ୍ତ କୁଳପତି ପ୍ରଫେସର ଶରତ କୁମାର ପାଲିତାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ପ୍ରଫେସର ତ୍ରିପାଠୀଙ୍କୁ ବିଦାୟ ଭାରପ୍ରାପ୍ତ କୁଳପତି ପ୍ରଫେସର ପାଲିତା, କୁଳସଚିବ ପ୍ରଫେସର ଅସିତ କୁମାର ଦାସ, ଜନସମ୍ପର୍କ ଅଧିକାରୀ ଡ. ଫୋଗୁନାଥ ଭୋଇଙ୍କ ସମେତ ସମସ୍ତ ପ୍ରାଧାପକ, ଅଧିକାରୀ ଓ କର୍ମଚାରୀ ସ୍ୱାଗତ କରିଥିଲେ । ପ୍ରଫେସର ତ୍ରିପାଠୀ ୧୯୬୦ ଏପ୍ରିଲ୍ ୮ରେ କେଉଁଝର ଜିଲ୍ଲା ହାଟଡ଼ିହି ବ୍ଲକ୍ ମାରିଗାଓଁରେ ଜନ୍ମ ଗ୍ରହଣ କରିଥିଲେ । ପ୍ରଫେସର ଚକ୍ରଧର ତ୍ରିପାଠୀ ଶାରୀରିକ ଶିକ୍ଷା, କ୍ରୀଡ଼ା, ଜାତୀୟ ସେବା ଏବଂ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ, ହିନ୍ଦୀ ବିଭାଗ ମୁଖ୍ୟ, ହିନ୍ଦୀ ଅଧ୍ୟୟନ ବୋର୍ଡର ଅଧ୍ୟକ୍ଷ, ଟେଗୋର୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍ଟ ଏଣ୍ଡ ଏଜୁକେସନ ଅଧୀନସ୍ଥ ହିନ୍ଦୀ ଶିକ୍ଷାଦାନ କେନ୍ଦ୍ରର ନିର୍ଦ୍ଦେଶକ ଏବଂ ବିଶ୍ୱଭାରତୀ ଶୈକ୍ଷିକ ସଂଘ ସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି । ଜାତୀୟ ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ବୈଧାନିକ କମିଟି, ପରାମର୍ଶଦାତା କମିଟି ଏବଂ ଚୟନ କମିଟିରେ ରାଷ୍ଟ୍ରପତିଙ୍କ ମନୋନୀତ ସଦସ୍ୟ ରହିଛନ୍ତି । ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାର ଶିକ୍ଷାର ବିକାଶ ଅତ୍ୟନ୍ତ ଆବଶ୍ୟକତା ରହିଛି । ତେଣୁ ସେ ଏଥିପ୍ରତି ଅଧିକ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଛନ୍ତି । ସୂଚନା ଥାଉକି, ୨୦୨୧ ଜୁଲାଇରେ ତତ୍କାଳୀନ କୁଳପତି ପ୍ରଫେସର ଆଇ .ରାମାବ୍ରହ୍ମମଙ୍କ ମୃତ୍ୟୁ ପରେ ପ୍ରଫେସର ଶ୍ରୀ ପାଲିତା ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ । ଦୀର୍ଘ ଦେଢ଼ବର୍ଷ ପରେ ବିଶ୍ୱବିଦ୍ୟାଳକୁ ସ୍ଥାୟୀ କୁଳପତି ମିଳିଥିବାରୁ ସାଧାରଣରେ ଖୁସୀର ମାହାଲ ଦେଖାଦେଇଛି ।

Digital Edition

SAMBAD
ସମ୍ବାଦ

www.sambadepaper.com/sambad.in

BHUBANESWAR 27 SEPTEMBER 2022 JEYPORE

# କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଦାୟିତ୍ୱ ଗ୍ରହଣ

କୋରାପୁଟ,୨୬/୯(ଇମିସ): ପ୍ରଫେସର ଚକ୍ରଧର ତ୍ରିପାଠୀ ସୁନାବେଡ଼ା ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂଆ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମୂହର ମୁଖ୍ୟ ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ର ବିଧି ୨(୧) ଅନୁଯାୟୀ ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର ତ୍ରିପାଠୀ କାର୍ଯ୍ୟରେ ଯୋଗଦେବା ତାରିଖ ଠାରୁ ୭୦ବର୍ଷ ବୟସ ପର୍ଯ୍ୟନ୍ତ କିମ୍ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସ୍ଥାୟୀ କୁଳପତି ଭାବେ ଦାୟିତ୍ୱରେ ରହିବେ। ଗତବର୍ଷ ଜୁଲାଇ ମାସ ୨୮ ତାରିଖରେ ପ୍ରଫେସର ଆଇ. ରାମବ୍ରହ୍ମମଙ୍କ ଦୁଃଖଦ ବିୟୋଗ ପରେ ମଧ୍ୟବର୍ତ୍ତୀକାଳୀନ ଅବଧି ପାଇଁ ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଏସ୍.କେ ପଲିତା ଦାୟିତ୍ୱରେ ରହିଥିଲେ। ନୂଆ ନିଯୁକ୍ତି ପରେ ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ଚତୁର୍ଥ ସ୍ଥାୟୀ କୁଳପତି ହୋଇଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଯୋଗଦେବା ପୂର୍ବରୁ ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗର ଶାନ୍ତି ନିକେତନ ସ୍ଥିତ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗରେ ବରିଷ୍ଠ ପ୍ରଫେସର ଥିଲେ। ସେହିପରି ୩୩ବର୍ଷର ଶୈକ୍ଷିକ ଏବଂ ପ୍ରଶାସନିକ ଅଭିଜ୍ଞତା ରହିଛି। ବିଶ୍ୱଭାରତୀ ଶୈକ୍ଷିକ ସଂଘର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଦେଶରେ ବହୁ ଜାତୀୟ ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ବୈଧାନିକ କମିଟି, ପରାମର୍ଶଦାତା କମିଟି ଏବଂ ଚୟନ କମିଟିରେ ରାଷ୍ଟ୍ରପତିଙ୍କ ମନୋନୀତ ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହାବ୍ୟତୀତ କୋଲକାତାର ରାଜା ରାମମୋହନ ରାୟ ଲାଇବ୍ରେରି ଫାଉଣ୍ଡେସନର ସମ୍ମାନଜନକ ସଦସ୍ୟ ଅଟନ୍ତି।




୧୯୬୦ ମସିହାରେ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକ ଅଧୀନସ୍ଥ ଜଗନ୍ନାଥପୁର, ବାସନ୍ତିଆ, ମାରିଗାଓଁରେ ଜନ୍ମଗ୍ରହଣ କରିଥିବା ପ୍ରଫେସର ତ୍ରିପାଠୀ ବିଶ୍ୱଭାରତୀରୁ ହିନ୍ଦୀରେ ପିଏଚ୍‌ଡି ଉପାଧି ପାଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକ ଏବଂ ସ୍ନାତକୋତ୍ତର କରିଛନ୍ତି। ୬ରୁ ଅଧିକ ପୁସ୍ତକ ପ୍ରକାଶ କରିଛନ୍ତି। ଯେଉଁଥିରେ କବୀର କି ଭକ୍ତି, ସିଆରାମ ତିୱାରୀ: ବ୍ୟକ୍ତିତ୍ୱ ଏବଂ କୃତିତ୍ୱ, ନୟି କବିତାକା ପ୍ରତିପାଦ୍ୟ, ଚିନ୍ତମଣି ସଞ୍ଚୟନ, କ୍ରିଷନ ଚନ୍ଦର କି ପ୍ରତିନିଧି କହାନିଆ, ଆତ୍ମନିର୍ଭର ଭାରତ (ବଙ୍ଗାଳୀ ସଂସ୍କରଣ) ଅନ୍ତର୍ଭୁକ୍ତ। ୪ଟି ସମ୍ପାଦିତ ପୁସ୍ତକ ଏବଂ ୫ଟି ଅନୁବାଦ ପୁସ୍ତକ ପ୍ରକାଶ କରିଛନ୍ତି। ଅନେକ ଗବେଷଣାତ୍ମକ ରଚନା ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ତାଙ୍କ ଅଧୀନରେ ୧୭ରୁ ଅଧିକ ସ୍କୋଲାର ଗବେଷଣାତ୍ମକ ପ୍ରକଳ୍ପ ସମାପ୍ତ କରିସାରିଛନ୍ତି। ପ୍ରଫେସର ତ୍ରିପାଠୀ 'ଉତ୍କଳ ମଣି' ଗୋପବନ୍ଧୁ ଦାସଙ୍କ ବିଚାରଧାରାକୁ ଜନାଦୃତ କରିବା ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। 'ଗୋପବନ୍ଧୁ ରଚନାବଳି' (ମୋଟ-୮ଭଲ୍ୟୁମ୍ )ର ଅନୁବାଦ ପ୍ରଫେସର ତ୍ରିପାଠୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟ ସମ୍ପାଦନାରେ ଏନବିଟି ଦ୍ୱାରା ପ୍ରକାଶିତ ହେଉଅଛି।

102 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Tuesday 27 September 2022
- କୋରାପୁଟ, ମଙ୍ଗଳବାର ୨୭ ସେପ୍ଟେମ୍ବର ୨୦୨୨
- ଆଜି କନ୍ୟା ୧୧ ଦିନ, ୧୪୩୦ ସାଲ
- ଆଶ୍ୱିନ ୫ ଦିନ, ୧୯୪୪ ଶକାବ୍ଦ, ଶୁକ୍ଳପକ୍ଷ ଦ୍ୱିତୀୟା
- ଭାଗ- ୯୩ ସଂଖ୍ୟା- ୨୬୫
- www.thesamaja.com
  www.samajaepaper.com
  www.samajalive.in

ଟ ୭.୦୦ (୧୬ ପୃଷ୍ଠା)

# ସମାଜ

The Samaja

ପ୍ରତିଷ୍ଠାତା- ଉତ୍କଳମଣି ଗୋପବନ୍ଧୁ ଦାସ

PRINTED AT CUTTACK, SAMBALPUR, BALESWAR, JEYPORE

ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଳୟଂ ଯାତି ଦେହଭୃତ୍ ।
ତଦୋତ୍ତମବିଦାଂ ଲୋକାନମଳାନ୍ ପ୍ରତିପଦ୍ୟତେ ।।
(ଗୀତା : ୧୪-୧୪)



ଯେତେବେଳେ ଏହି ମନୁଷ୍ୟର ସତ୍ତ୍ୱଗୁଣବୃଦ୍ଧିରେ ମୃତ୍ୟୁ ହୁଏ, ସେତେବେଳେ ସେ ଉତ୍ତମ କର୍ମ କରୁଥିବା ପୁରୁଷମାନଙ୍କର ଦିବ୍ୟ ସ୍ୱର୍ଗାଦି ଲୋକ ପ୍ରାପ୍ତ ହୁଏ ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କଲେ ପ୍ରଫେସର ଚକ୍ରଧର ତ୍ରିପାଠୀ



ସୁନାବେଡ଼ା,୨୬।୯(ନି.ପ୍ର.)-ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଚକ୍ରଧର ତ୍ରିପାଠୀ ଆଜି କୋରାପୁଟର ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଚତୁର୍ଥତମ ସ୍ଥାୟୀ କୁଳପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ୨୦୨୧ ଜୁଲାଇ ୨୮ରେ ପ୍ରଫେସର ଆଇ.ରାମବ୍ରହ୍ମମଙ୍କ ଦୁଃଖଦ ବିୟୋଗ ପରେ ମଧ୍ୟବର୍ତ୍ତୀକାଳୀନ ଅବଧି ପାଇଁ ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟ କରୁଥିବା ପ୍ରଫେସର ଏସ.କେ.ପଳିତାଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଫେସର ତ୍ରିପାଠୀ ପଶ୍ଚିମବଙ୍ଗର ଶାନ୍ତିନିକେତନସ୍ଥିତ ବିଶ୍ୱ ଭାରତୀର ହିନ୍ଦୀ ବିଭାଗରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ । ଦେଶରେ ବହୁ ଜାତୀୟ ଉଚ୍ଚ ଶିକ୍ଷାନୁଷ୍ଠାନର ବିଭିନ୍ନ ବୈଧାନିକ କମିଟି, ପରାମର୍ଶଦାତା କମିଟି ଏବଂ ଚୟନ କମିଟିରେ ରାଷ୍ଟ୍ରପତିଙ୍କ ମନୋନୀତ ସଦସ୍ୟ ଭାବେ କାର୍ଯ୍ୟ କରିଆସୁଛନ୍ତି । ପ୍ରକାଶଥାଉକି ପ୍ରଫେସର ତ୍ରିପାଠୀ ବହୁ ସମ୍ମାନର ଅଧିକାରୀ ହୋଇଥିବାବେଳେ ସାହିତ୍ୟ ସାଧନାରେ ତାଙ୍କର ଦକ୍ଷତା ରହିଛି । ୬ଟିରୁ ଅଧିକ ପୁସ୍ତକ ପ୍ରକାଶ କରିଥିବାବେଳେ ୪ଟି ସମ୍ପାଦିତ ପୁସ୍ତକ ଏବଂ ୫ଟି ଅନୁବାଦ ପୁସ୍ତକ ପ୍ରକାଶ କରିଛନ୍ତି । ତାଙ୍କର ଅନେକ ଗବେଷଣାତ୍ମକ ରଚନା ବିଭିନ୍ନ ଜାତୀୟ ଏବଂ ଆନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି । ତାଙ୍କ ଅଧୀନରେ ୧୭ରୁ ଅଧିକ ମେଧାବୀ ଗବେଷଣାତ୍ମକ ପ୍ରକଳ୍ପ ସମାପ୍ତ କରିସାରିଛନ୍ତି । ଗୋପବନ୍ଧୁ ରଚନାବଳୀର (୮ଟି ସଂସ୍କରଣ)ପ୍ରଫେସର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟ ସମ୍ପାଦନାରେ ହିନ୍ଦୀରେ ଅନୁବାଦିତ ହୋଇ ଏନବିଟି ଦ୍ୱାରା ପ୍ରକାଶିତ ହେଉଥିବା ଜଣାଯାଇଛି ।

OrissaPOST
HERE . NOW



**NO COMPLACENCY**
Actor Manushi Chhillar, sharing her experience in the film industry, says every day on sets feels like her first day
LEISURE | P2



**PLEA FOR MORE FLIGHTS**
Odisha urges Centre to enhance flight services to VSS Airport at Jharsuguda, ahead of hockey world cup
DOWNTOWN | P3



**US WARNS RUSSIA**
Washington says it will 'respond decisively' if Moscow uses nuclear weapons in Ukraine
INTERNATIONAL | P10

VOLUME 12, ISSUE 178 | www.orissapost.com BHUBANESWAR | TUESDAY, SEPTEMBER 27 | 2022 12 PAGES | ₹5.00

# Chakradhar Tripathi takes charge as the new CUO VC

POST NEWS NETWORK

**Bhubaneswar, Sept 26:** Chakradhar Tripathi, who was recently appointed the Vice-Chancellor of Central University of Odisha, Koraput, assumed office at the university campus in Sunabeda, Monday.

President Droupadi Murmu, in the capacity of Visitor, had appointed Tripathi as the VC of the CUO as per Statute 2(1) of the Central Universities Act, 2009 for a period of five years from the date of his joining or till he attains the age of 70, whichever is earlier.

He took over the charge from SK Palita, who acted as the VC in-charge. Tripathi is the fourth regular VC of the CU.



Prior to joining the CUO, Tripathi was the senior professor, department of Hindi, Visva Bharti, Santiniketan in West Bengal. His area of specialisation is Medieval and Modern Hindi Poetry. He has 33 years of academic as well as administrative experiences in various capacities including director, physical education, sports, national services and student welfare, coordinator, International Collaboration (following NEP-2020); head, department of Hindi; chairman, Board of Studies in Hindi; director (honorary), Centre for Hindi Teaching, Tagore Institute of Art & Education; president, Visva-Bharati Shaikshik Sangh.

Born at Jagannathpur (Basantia), Mareigaon under Hatadihi block of Kendujhar, in 1960, Tripathi did his graduation from Utkal University and MA and PhD in Hindi from Visva Bharati.

Truth in true form

# AROUND ODISHA

RNI Regd No: ODIENG/2019/77780 BHUBANESWAR www.aroundodisha.com VOLUME - 4 ISSUE - 96 TUESDAY 27 SEPTEMBER 2022

# Professor Chakradhar Tripathi Assumes Office As Vice Chancellor Of Central University Of Odisha



Koraput(AOBureau): Professor Chakradhar Tripathi today assumed office as the Vice Chancellor of Central University of Odisha (CUO), Koraput, at the permanent campus of the varsity at Sunabeda.President Droupadi Murmu, the Visitor of CUO, has appointed Tripathi as the Vice Chancellor of the varsity as per Statute 2(1) of the Central Universities Act, 2009 for a term of five years from the date of his joining or till he attains the age of seventy years, whichever is earlier, as per the communiqué received from the Ministry of Education on September 13.Tripathi took over the charge from acting Vice Chancellor Professor SK Palita. Tripathi is the fourth regular Vice Chancellor of the university.Prior to joining the CUO, Tripathi was a senior professor at the department of Hindi in Visva Bharti, Santiniketan, in West Bengal.His area of specialization is medieval and modern Hindi poetry. Tripathi has thirty three years of impressive academic as well as administrative experience in various capacities including Director, Physical Education, Sports, National Services and Student Welfare; Coordinator, International Collaboration (following NEP-2020); Head, Department of Hindi; Chairman, Board of Studies in Hindi; Director (Honorary), Centre for Hindi Teaching, Tagore Institute of Art & Education; President, Visva Bharati Shaikshik Sangh, said a release of CUO.

www.epaper.azadsipahi.com
ओड़िशा संस्करण
27 सितंबर, 2022
आश्विन, शुक्ल पक्ष, द्वितीया
संवत 2079
पृष्ठ : 12, मूल्य : ₹3.00
रांची
मंगलवार, वर्ष 07, अंक 337
कलम कलम बढ़ाये जा
आजाद सिपाही

# ओड़िशा केंद्रीय विवि के कुलपति के रूप में प्रो. चक्रधर त्रिपाठी ने कार्यभार संभाला

आजाद सिपाही संवाददाता

**भुवनेश्वर।** प्रख्यात शिक्षाविद् प्रोफेसर चक्रधर त्रिपाठी ने सोमवार को सुनाबेड़ा, कोरापुट में ओड़िशा केंद्रीय विश्वविद्यालय के कुलपति के रूप में पदभार ग्रहण किया है। राष्ट्रपति द्रौपदी मुर्मू और केंद्रीय विश्वविद्यालयों के प्रधानाचार्य ने केंद्रीय विश्वविद्यालय अधिनियम, 2009 के नियम 2(1) के तहत प्रोफेसर चक्रधर त्रिपाठी को कुलपति पदने नियुक्त किया है। 13 सितंबर 2022 को भारत सरकार के शिक्षा मंत्रालय से प्राप्त एक अधिसूचना में कहा गया है कि प्रोफेसर त्रिपाठी सत्तर साल या पांच साल की उम्र तक स्थायी कुलपति के रूप में पद पर रहेंगे। 28 जुलाई 2021 को, उन्होंने प्रभारी प्रो एसके पलिता से



पदभार ग्रहण किया।

कुलपति के रूप में ओड़िशा केंद्रीय विश्वविद्यालय में शामिल होने से पहले प्रो त्रिपाठी हिंदी विभाग, विश्व भारती, शांतिनिकेतन, पश्चिम बंगाल में एक वरिष्ठ प्रोफेसर थे। उनकी विशेषता मध्यकालीन और आधुनिक हिंदी कविता है। 1960 में क्योंझर जिले के हाटडीही प्रखंड के अंतर्गत जगन्नाथपुर, बर्सातिया, मरीगांव में जन्मे प्रो. त्रिपाठी बिस्वा भारती ने हिन्दी में पीएचडी डीओएएमए और यूटा विश्वविद्यालय से स्नातक किया। उन्होंने कबीर की भक्ति, सियाराम तिवारीः व्यक्तित्व और रचनात्मकता, नई कविताका प्रतिपद्य, चिंतामणि सविवान, कृष्ण चंद्र की प्रजात कहानी, स्वाति पटम भारत (बंगाली संस्करण) सहित छह से अधिक पुस्तकें प्रकाशित की हैं। उन्होंने 4 संपादित पुस्तकें और 5 अनुवादित पुस्तकें प्रकाशित की हैं। उनके कई शोध विभिन्न राष्ट्रीय और अंतर्राष्ट्रीय पत्रिकाओं में प्रकाशित हो चुके हैं उनके अधीन 17 से अधिक विद्वानों ने शोध परियोजनाएं पूरी की हैं। यह जानकारी जनसंपर्क अधिकारी डॉ फगुनाथ भोई ने दी है।

Prof. Chakradhar Tripathi joins as the Vice-Chancellor of Central University of Odisha | (odishabarta.com)

https://youtu.be/8By9yGi4VUE

https://argusnews.in/article/odisha/newly-appointed-odisha-central-university-vicechancellor-prof-chakradhar-tripathi-assumes-office

https://pragativadi.com/prof-chakradhar-tripathi-joins-as-vice-chancellor-of-central-university-of-odisha/

https://updateodisha.com/2022/09/26/prof-chakradhar-tripathi-joins-as-vc-of-central-university-of-odisha-79824/

https://orissadiary.com/prof-chakradhar-tripathi-joins-as-the-vice-chancellor-of-central-university-of-odisha/amp/

Watch | Facebook